ମୁଠି ଅନୁକୂଳ କଲେ ଚାଷୀ, ବିଭିନ୍ନ ଗ୍ରାମରେ ପୂଜାର୍ଚ୍ଚନା ସହିତ ଚାଷ କାର୍ଯ୍ୟ ଆରମ୍ଭ

ତେଲକୋଇ, ୧୦।୫ (ଶ୍ରୁ.ମି) : ପବିତ୍ର ଅକ୍ଷୟ ତୃତୀୟା ରେ ବିଭିନ୍ନ ଗ୍ରାମରେ ପୂଜାର୍ଚ୍ଚନା ସହିତ ମୁଠି ଅନୁକୂଳ କଲେ ଚାଷୀ । ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ଗନ୍ଧୀନଗର ସାହିରେ ବିଡିଓ ଦିଲ୍ଲିପ କୁମାର ବାରା ଚାଷୀ ଙ୍କ ଗହଣରେ ଜମି ପୂଜନ କରି ମୁଠି ଅନୁକୂଳ କରିଛନ୍ତି । ଅକ୍ଷୟ ତୃତୀୟା ପାଇଁ ବିଭିନ୍ନ ଗ୍ରାମରେ ଚାଷୀମାନେ ବ୍ରାହ୍ମ ମୁହୂର୍ତ୍ତରେ ଗୋରୁ ପୂଜନ କରି ବିଲକୁ ନେଇଥିଲେ । ଏହାପରେ ଜମି ପୂଜନ କରି ମୁଠି ଅନୁକୂଳ କରିବା ସହିତ ଆଗାମୀ ଦିନରେ ମା ଲକ୍ଷ୍ମୀଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । ତେଲକୋଇ ସମେତ ଛାମୁଣ୍ଡା, ବିଂଜବାହାଳ, ଓରିଆ, ଆକୁଳ, ସିରିଗିଡା, ଶିବନାରାୟଣପୁର ଗୋଡା, ଦେଉଳଡିହା , ଭୀମକାଣ୍ଡ ଆଦି ସମସ୍ତ ପଞ୍ଚାୟତରେ ମୁଠି ଅନୁକୂଳ କରାଯାଇଛି । ପ୍ରତିକୂଳ ପାଗ ସତ୍ୱେ ଚାଷୀଙ୍କ ପାଇଁ ମୁଠି ଅନୁକୂଳକୁ ଗୁରୁତ୍ୱ ଦିଆଯାଇଛି । ଚାଷୀଙ୍କ ବିଶ୍ୱାସ ଚଳିତ ବର୍ଷ ଚାଷ କାର୍ଯ୍ୟ ପାଇଁ ଆଗାମୀ ଦିନର ଆବଶ୍ୟକ ବର୍ଷା ସହାୟତା ଦେଇ ଚାଷ କାର୍ଯ୍ୟ କୁ ସୁଗମ କରିବ । ଏହି ଅବସରରେ କୃଷି ବିଭାଗ ପରିସର ରେ ଏକ ସଭାର ଆୟୋଜନ କରାଯାଇ ଥିଲେ । ଉକ୍ତ ସଭାରେ ଜିଲ୍ଲା ସହକାରୀକୃଷି ଅଧିକାରୀ ରାଜୀବ ଲୋଚନ ବେହେରା ସମେତ ତେଲକୋଇ କୃଷି ଅଧିକାରୀ ଶିବାନୀ ଗୋଚ୍ଛାୟତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା ବ୍ଲକ ଜଳ ବିଭାଜିକା ମୁରଲୀ ଧର ନାୟକ ପଶୁ ବିଭାଗ ଅଧିକାରୀ ଭରତ ଚନ୍ଦ୍ର ନାୟକ ବ୍ୟାଙ୍କ ଶାଖା ପରିଚାଳକ ଆଲୋକ ରଂଜନ ସାହୁ ଅର୍ନ୍ତଭୁକ୍ତ ରହିଥିଲେ ।

ଦୁର୍ଘଟଣାରେ ଯୁବ ଗାୟକ ମୃତ

ମାର୍ଶାଘାଇ ୧୦।୫(ଶ୍ରୁମି) ଜାତୀୟ ରାଜପଥର କେନାଲବ୍ରିଜ ନିକଟ ଗୋସେଇଁବନ୍ଧ ଗଡା ନିକଟରେ ଶୁକ୍ରବା ମଧ୍ୟାହ୍ନରେ ଦୁର୍ଘଟଣାରେ ଦହିମାଛ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ରାଉତଙ୍କ ମଧ୍ୟମ ପୁଅ ଜ୍ୟୋତିରଂଜନ ରାଉତ ଓରଫ ବବି (୩୮)ଙ୍କର ମୃତ୍ୟୁ ଘଟିଛି। ମାର୍ଶାଘାଇ ବଜାରରୁ କାର୍ଯ୍ୟ ସାରି ନିଜର ସ୍କୁଟି ଯୋଗେ କେନାଲବ୍ରିଜ ନିକଟରେ ଜାତୀୟ ରାଜପଥକୁ ଉଠୁଥିବା ସମୟରେ ବବି ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଖବର ପାଇ ମାର୍ଶାଘାଇ ଦମକଳ କେନ୍ଦ୍ରର କର୍ମଚାରୀମାନେ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମାର୍ଶାଘାଇ ଥାନା ଏସଆଇ ଦେବାଶିଷ ପଣ୍ଡା ଏବଂ ଏଏସଆଇ ତୁଷାରକାନ୍ତ କାନୁନଗୋ ମେଡିକାଲରେ ପହଞ୍ଚି ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ପଠାଇଥିଲେ।ମୃତକ ବବି ବିଭିନ୍ନ ଅନୁଷ୍ଠାନରେ ସଂଗୀତ ପରିବେଷଣ କରିବା ସହିତ ସାଇନାଥ କଳା ପରିଷଦର ସେ ଜଣେ ନିୟମିତ ଗାୟକ ଥିଲେ।

ଦୁର୍ଘଟଣା କ୍ଷତିପୂରଣ ଦାବିରେ ୨ ଘଣ୍ଟା ଧରି ରାସ୍ତାରୋକ

ଯୋଡା, ୧୦/୫ (ଶ୍ରୁ.ମି) : ଯୋଡା ପୌରପାଳିକା ଅନ୍ତର୍ଗତ ବନେଇକଳା ର ତାରିଣୀ ଛକ ଠାରେ ଆଜି ସକାଳ ୭ ଘଟିକାରୁ ଦୁର୍ଘଟଣାର କ୍ଷତିପୂରଣ ଦାବିରେ ୨ ଘଣ୍ଟା ଧରି ମୁଖାର୍ଜି ହାଟିଂ ବାସିନ୍ଦା ରାସ୍ତାରେ ଉପରେ ଟାୟାର ଜାଳି କରିଥିବା ଜଣାପଡିଛି । ଗତ ରବିବାର ଦିନ ମୁଖାର୍ଜି ହାଟିଂର କୁନିଲତା ମଲ୍ଲିକ (୫୨) ନାମକ ଜଣେ ମହିଳାକୁ ଏକ ବୋଲେରୋ ନଂ. ଓଡି-୦୯ଜେ-୧୭୦୦ ବେପରୁଆ ଭାବେ ଆଶି ପଛପଟୁ ଧକ୍କା ଦେଇ ଚାଲିଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ଜଣାପଡିଥିଲା । ଫଳରେ ଗୁରୁତର ଅବସ୍ଥାରେ ମହିଳା ଜଣଙ୍କୁ ପ୍ରଥମେ ଯୋଡାସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ମୁଖାର୍ଜି ହଟିଂର ବାସିନ୍ଦାମାନେ ପରସ୍ପର ମଧରେ ଚାନ୍ଦା ଆଦାୟକରି ତୁରନ୍ତ କଟକ ବଡ ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରିତ କରିଥିଲେ । ମହିଳା ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣଥିବା ବେଳେ ସେବେଠାରୁ ସେ କୋମାରେ ରହିଛନ୍ତି । ଗ୍ରାମବାସୀମାନେ ତାଙ୍କର ଚିକିତ୍ସା ପାଇଁ ସମସ୍ତ ଅର୍ଥ ସମ୍ପୃକ୍ତ ଗାଡି ମାଲିକ ବହନ କରିବାକୁ ଦାବି କରିଥିଲେ । ତେବେ ବୋଲେରୋର ମାଲିକ କେନ୍ଦୁଝରର ର ଭଗବାନ ମିଶ୍ର ପ୍ରଥମେ ଗ୍ରାମବାସୀଙ୍କୁ ୨୦ ହଜାର ଦେଇ ମାମଲାଟିକୁ ରଫା କରିବା ପାଇଁ କହୁଥିବା ବେଳେ ଏଥିରେ ବସ୍ତି ବାସିନ୍ଦାମାନେ ରାଜି ହୋଇନଥିଲେ । ଆଜକୁ ୫ଦିନ ବିତିଯାଇଥିଲେ ମଧ ଦୁର୍ଘଟଣା ଘଟେଇଥିବା ସମ୍ପୃକ୍ତ ବୋଲେରୋ ମାଲିକ କୌଣସି କ୍ଷତି ପୂରଣ ଦେଇନଥିବା ସହିତ ପୁଲିସ ମଧ ବୋଲେରୋଟିକୁ ଜବତ କରିବାରେ ଓ ସମ୍ପୃକ୍ତ ଚାଳକକୁ ଗିରଫ କରିବାରେ ବିଫଳ ହୋଇଥିବାରୁ ବସ୍ତି ବାସିନ୍ଦାମାନେ ଉତ୍ୟକ୍ତ ହୋଇ ଏହି ରାସ୍ତା ରୋକ କରିଥିବା ଜଣାପଡିଛି । ସମ୍ପୃକ୍ତ ବୋଲେରୋ ମାଲିକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ପୁଲିସ ତାଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି ବୋଲି ଉତ୍ୟକ୍ତ ଲୋକମାନେ ଅଭିଯୋଗ କରିଛନ୍ତି । ତେବେ ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ ରାଉତ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝା ସୁଝା କରି ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା କେତେକ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥା ସୌଜନ୍ୟରୁ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଏହି ରାସ୍ତା ରୋକ ହଟିଥିଲା । ଦୁର୍ଘଟଣା ଘଟାଇଥିବା ବୋଲେରୋଟି ଜାତୀୟ ରାଜପଥ ନିର୍ମାଣ ସଂସ୍ଥାରେ ମାସିକ ଭଡା ସୂତ୍ରରେ ନିୟୋଜିତ ଥିବା ବିଶେଷସୂତ୍ରରୁ ଜଣାପଡିଛି । ଦୁର୍ଘଟଣାଗ୍ରସ୍ତ ସମ୍ପୃକ୍ତ ମହିଳା ଜଣକ ଜଣେ ବିଧବା ହୋଇଥିବା ବେଳେ ତାଙ୍କର ତିନୋଟି ସନ୍ତାନ ଅଛନ୍ତି । ମହିଳା ଜଣଙ୍କ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ସେମାନଙ୍କୁ ପ୍ରତିପୋଷଣ କରିଥାନ୍ତି । ଏହି ଦୁର୍ଘଟଣା ପରେ ସେମାନେ ଏବେ ଭୋକ ଉପାସରେ ଦିନ କାଟିବାକୁ ବାଧ ହୋଇପଡିଛନ୍ତି। ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରିବା ସହିତ ସମ୍ପୃକ୍ତ ଡ୍ରାଇଭରକୁ ଗିରଫ କରି ମହିଳାଙ୍କ ଚିକିତ୍ସା ନିମନ୍ତେ ସମସ୍ତ ଖର୍ଚ୍ଚ ଗାଡି ମାଲିକ ବହନ କରିବାକୁ ସାଧାରଣରେ ଦାବି ହେଉଛି ।

କବି ବାଇଧର ମହାନ୍ତିଙ୍କ ପରଲୋକ



ରାଜକନିକା, ୧୦।୫ (ଶ୍ରୁ.ମି) : ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଶିକ୍ଷକ ବାଇଧର ମହାନ୍ତିଙ୍କର ୮୫ବର୍ଷ ବୟସରେ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ଜଣେ ସମାଜସେବୀ, ପରୋପକାରୀ, ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ । ରାଜକନିକା ଅଞ୍ଚଳରେ ଜଣେ ଲଳିତ କବି ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ରଚିତ ବିଭିନ୍ନ କବିତା ପୁସ୍ତକ ପାଠକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ଗ୍ରାମାଞ୍ଚଳରେ ସାହିତ୍ୟର ପ୍ରସାର ପାଇଁ ସେ ଅନେକ ସମୟରେ ଅନେକ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଥିଲେ । ରାଜକନିକା ସମ୍ବାଦ ସାହିତ୍ୟଘରର ଜଣେ ବରିଷ୍ଠ ସଭ୍ୟ ଥିଲେ । ତାଙ୍କ ବିୟୋଗରେ ବରୁଣାଡିହା ସମେତ ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ତାଙ୍କ ନିଜଘର ବରୁଣାଡିହା ଠାରେ ସମ୍ବାଦ ସାହିତ୍ୟଘରର ସମ୍ପାଦକ ଗୟାଧର ନାଥ, ଉପଦେଷ୍ଟା ଲକ୍ଷ୍ମୀଧର ନାୟକ ଆଦିତ୍ୟ, ଉମେଶ ମଲ୍ଲ, ଆଇନଜିବୀ ରାଧାକାନ୍ତ ବିଶ୍ୱାଳ ଓ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି । ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ଗହଣରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି ।

ପୁରୀର ବାତ୍ୟା ବିପନ୍ନଙ୍କ ରନ୍ଧାଖାଦ୍ୟ ପାଇଁ ମାର୍ଶାଘାଇ ପୋଲିସର ସହାୟତା

ମାର୍ଶାଘାଇ ୧୦।୫(ଶ୍ରୁମି) ବାତ୍ୟା ଫୋନିରେ ଅଧିକ ପ୍ରଭାବିତ ପୁରୀର ବିପନ ମାନଙ୍କୁ ରନ୍ଧାଖାଦ୍ୟ ପାଇଁ ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରାଙ୍କ ଉଦ୍ୟମକ୍ରମେ ବିଭିନ୍ନ ଖାଦ୍ୟସାମଗ୍ରୀ ଭର୍ତି ଏକ ଗାଡି ପଠାଯାଇଛି। ୯ କୁଇଣ୍ଡାଲ ଚାଉଳ ,୫କୁଇଣ୍ଟାଲ ଡାଲି ,୮କୁଇଣ୍ଟାଲ ଆଳୁ,୧୫୦କେଜି ରନ୍ଧନ ତେଲ ସମେତ ବିଭିନ୍ନ ପ୍ରକାର ପନିପରିବା ପଠାଯାଇଛି।ଏହି କାର୍ଯ୍ୟରେ ଥାନାର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ପୁରୀର ଅବକାଶ ଭବନରେ କରୁଣା ଯୋଜନାରେ ଦିଆଯାଉଥିବା ରନ୍ଧାଖାଦ୍ୟରେ ଏହି ସବୁ ଖାଦ୍ୟ ସାମଗ୍ରୀ ବ୍ୟବହାର କରାଯିବ।



କଟକ : ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସୟୁଟିଆଇ ପକ୍ଷରୁ ବିକ୍ଷୋଭ

ଧାନଚାଷ ଉଜୁଡ଼ିଲା, ପାଣି ଓ ବିଦ୍ୟୁତ୍ ପାଇଁ ହନ୍ତସନ୍ତ

ରାଜକନିକା, ୧୦।୫ (ଶ୍ରୁ.ମି) : ସାମୁଦ୍ରିକ ଝଡ଼ ଫନି ପ୍ରଭାବରେ ରାଜକନିକା ଅଞ୍ଚଳର ଲୋକମାନେ ନାହିଁ ନଥିବା ସମସ୍ୟାରେ ସମ୍ମୁଖିନ ହେଉଛନ୍ତି । ବାତ୍ୟା ସରିଛି ହେଲେ ସମସ୍ୟା ସୁଧୁରି ନାହିଁ । ବାତ୍ୟା ପ୍ରଭାବରେ ରାଜକନିକା ବ୍ଲକରେ ଧାନଚାଷ ଓ ପନିପରିବା ଫସଲ ବ୍ୟାପକ କ୍ଷତି ହୋଇଥିବା ବେଳେ, ପାନୀୟ ଜଳ ଓ ବିଦ୍ୟୁତ୍ ପାଇଁ ଗ୍ରାମାଞ୍ଚଳର ଲୋକମାନେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖିନ ହେଉଛନ୍ତି । ବ୍ଲକ ପ୍ରଶାସନ ତରଫରୁ ୩ଦିନର ରିଲିଫ୍ ବାବଦକୁ ଚାଉଳ ଯୋଗାଇଦେଇ ହାତବାନ୍ଧି ବସିଥିବା ବେଳେ, ପ୍ରବଳ ଗ୍ରୀଷ୍ମରେ ଗାଁ ଗହଳିର ଲୋକମାନେ ବିଦ୍ୟୁତ୍ ନ ପାଇ ଦହଗଞ୍ଜ ହେଉଛନ୍ତି । ବିଦ୍ୟୁତ୍ ନ ଥିବାରୁ ଅନେକ ଆବଶ୍ୟକୀୟ କାର୍ଯ୍ୟ ହୋଇପାରୁ ନଥିବା ବେଳେ, ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ଟ୍ୟାଙ୍କର ମାଧମରେ କେତେକ ସ୍ଥାନରେ ପାଣି ଯୋଗାଇ ଦିଆଯାଉଥିବା ବେଳେ, ଅନେକ ଗ୍ରାମାଞ୍ଚଳ ମାନଙ୍କରେ ପାଇପ୍ ପାଣି ଯୋଗାଣ ହୋଇ ପାରୁ ନଥିବାରୁ ସମସ୍ୟା ଦେଖାଦେଇଛି । ବିଦ୍ୟୁତ୍ ବିଭାଗ ବାତ୍ୟା ପାଇଁ ପ୍ରସ୍ତୁତ ରହିଥିବା କହୁଥିବା ବେଳେ, ଏ ପର୍ଯ୍ୟନ୍ତ ରାଜକନିକା ସଦରରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ହୋଇପାରିନାହିଁ । ସେସୁ ଓ ଏନ୍‌ଜେନ୍ ସଂସ୍ଥା ମଧରେ ତାଳମେଳ ଠିକ୍ ରହୁ ନଥିବାରୁ ବିଦ୍ୟୁତ୍ ଜନିତ ପୁନଃରୁଦ୍ଧାର କାର୍ଯ୍ୟ ସମ୍ଭବ ହୋଇନାହିଁ । ବାତ୍ୟାରେ ପନିପରିବା ଫସଲ ବ୍ୟାପକ କ୍ଷତି ହୋଇଥିବାରୁ ବଜାରରେ ପନି ପରିବା ଉଚ୍ଚା ଥିବା ଦେଖିବାକୁ ମିଳିଛି । ହାଟସାହି ପଞ୍ଚାୟତର ବଟରପଡ଼ା ଅଞ୍ଚଳରେ ପ୍ରାୟ ୮୦ଏକରରୁ ଉର୍ଦ୍ଧ୍ୱ ଧାନଚାଷ ପ୍ରଭାବିତ ହୋଇଛି । ବର୍ଷା ଓ ପବନ ମାଡ଼ରେ ଧାନ ଗୁଡ଼ିକ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଧାର କରଜ କରି ଚାଷ କରିଥିବା ବନମାଳୀ ବେହୁରିଆ, ସୁଜିତ୍ ବେହୁରିଆ, ଅଜୟ ବେହୁରିଆ, ଆଦିକନ୍ଦ ବେହୁରିଆ, ଜଗନ୍ନାଥ ବେହୁରିଆ, ପ୍ରମୋଦ ବେହୁରିଆ, ନିମାଇଁ ବେହୁରିଆ, ଭାଗିରଥୀ ବେହୁରିଆ, ନଗେନ୍ଦ୍ର ବେହୁରିଆ, କିଶୋର ବେହୁରିଆ, ଶ୍ରୀକାନ୍ତ ବେହୁରିଆ ଆଦି ଚାଷୀମାନେ କ୍ଷତି ପୂରଣ ପାଇଁ ଦାବି କରିଛନ୍ତି ।

କେନ୍ଦ୍ରୀୟ ଚଷା ସମାଜ ପକ୍ଷରୁ କୃଷକ ଦିବସ ପାଳିତ

ତାଳଚେର,୧୦/୫(ଶ୍ରୁ.ମି): ତାଳଚେର ବ୍ଲକ ଭରତପୁର ସି.ଏଚ .ପି. ଛକଠାରେ କେନ୍ଦ୍ରୀୟ ଚଷା ସମାଜର ସଭାପତି ମକୁନ୍ଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସଭାପତିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଚଷା ସମାଜର ପତାକା ଉତୋଳନ କରାଯାଇଥିଲା। ଏହି ଅବସରରେ ହିମାଂଶୁ ସାହୁଙ୍କ ଦ୍ୱାରା ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା କରାଯାଇ ସଭାପତି ଗତତଳ ଅଞ୍ଚଳଚଷା ସମାଜ ପାଇଁ ଏକ ଅଫିସ୍ କାର୍ଯ୍ୟାଳୟ ଚଷା ଭବନ ଗୃହ ଉଦ୍‌ଘାଟନ କରାଯାଇ ଗୃହ ପ୍ରବେଶ କରାଯାଇଥିଲା । ଏହାପରେ କୃଷକ ଦିବସ ସମ୍ପର୍କରେ ଆଲୋଚନା କରାଯାଇ ଚଳିତ ବର୍ଷ କୃଷକମାନେ କିପରି ସେମାନଙ୍କର ପାରମ୍ପରିକ ଚାଷକୁ ସୁଚାରୁ ରୂପେ କରିପାରିବେ ଓ ଆବଶ୍ୟକସ୍ଥଳେ ସରକାରୀ ସହାୟତା ପାଇପାରିବେ ବୋଲି ସଭ୍ୟମାନେ

ମତ ଦେଇଥିଲେ । ସିଙ୍ଗଡା ଗ୍ରାମଠାରୁ ଆମ୍ବପାଳ ରାସ୍ତାକୁ ଚଷା ଭବନ ରାସ୍ତା ନାମରେ ନାମକରଣ ଦିଆଗଲା ଏବଂ ଭରତପୁର ସି.ଏଚ .ପି. ଛକକୁ ଚଷା ଭବନ ମାର୍ଗ ରଖାଗଲା । ଏହି କୃଷକ ଦିବସ ପାଳନ ଅବସରରେ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ,କୋଷାଧକ୍ଷ ବିନୋଦ କୁମାର ଜେନା,ଖେମେଇ ଅଞ୍ଚଳର ସମ୍ପାଦକ ମୁରଲୀଧର ସାହୁ,ହିମାଂଶୁ ସାହୁ,ଶରତ ଚନ୍ଦ୍ର ପ୍ରଧାନ,ଚିତ୍ତରଞ୍ଜନ ପ୍ରଧାନ,ମେଘମାଳ ସାହୁ,ଅନାଦି ଚନ୍ଦ୍ର ପ୍ରଧାନ, ସମାଜସେବୀ କ୍ଷୀରୋଦ ସାହୁ,ପବିତ୍ର ନଗର ଅଧକ୍ଷ ବନୋଜ କୁମାର ପ୍ରଧାନ,ସହ ସମ୍ପାଦକ ବିଜୟ କୁମାର ସାହୁ,ବୀରବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

କଲେଜଛାତ୍ରୀଙ୍କ ଆତ୍ମହତ୍ୟା

ମାର୍ଶାଘାଇ ୧୦।୫ (ଶ୍ରୁମି) ମାର୍ଶାଘାଇ ବଙ୍ଗଳା ନିକଟ ମନୋରଂଜନ ଦାସଙ୍କ ଏକମାତ୍ର ଝିଅ ତଥା କଲେଜଛାତ୍ରୀ ସୁଶ୍ରୀ ସୋନାଲୀ ଦାସ(୧୮ ଗୁରୁବାର ମଧ୍ୟାହ୍ନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।ଦୀର୍ଘ ଦିନ ଧରି ପେଟ ରୋଗରେ ପୀଡିତ ଥିବାରୁ ସହି ନପାରି ଆତ୍ମହତ୍ୟା କରିଥିବା ପୋଲିସରେ ଅଭିଯୋଗ ହୋଇଛି।ଏ ନେଇ ମାଶର୍ଘାଇ ଥାନାରେ ୫/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କାଳନ୍ଦୀ ବେହେରା ପ୍ରକାଶ କରିଛନ୍ତି।

[redacted]

ବ୍ରଜବନ୍ଧୁ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୦।୫ (ଶ୍ରୁ.ମି) : ଦୀର୍ଘ ୩୫ ବର୍ଷର ସରକାରୀ ଚାକିରୀ ପରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ଚତୁର୍ଥଶ୍ରେଣୀ କର୍ମଚାରୀ ବ୍ରଜବନ୍ଧୁ ଦାଶ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ରାଜ୍ୟ ସଚିବାଳୟସ୍ଥିତ ପ୍ରେସ୍ ଲାଉଞ୍ଜଠାରେ ଭୁବନେଶ୍ୱରର ସାମ୍ବାଦିକମାନଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶ୍ରୀ ଦାଶଙ୍କର ସାଧୁତା, ସଚ୍ଚୋଟତା ତଥା ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରାଯାଇ ତାଙ୍କର ଦୀର୍ଘ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଛି। ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଚରଣ ଜେନାଙ୍କ ଅବାହାକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାଶଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ବରିଷ୍ଠ ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସର୍ବଶ୍ରୀ ଜୀମୂତ ମଙ୍ଗରାଜ, ରମେଶ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ ମହାନ୍ତି, ସଞ୍ଜୟ ପ୍ରଧାନ, ଦେବକାନ୍ତ ମହାପାତ୍ର, ହୃଷିକେଶ ମହାନ୍ତି, ବିଜୟ ପରିଡ଼ା, ପାର୍ଥସାରଥୀ ଜେନା, ସଞ୍ଜୟ ଦାସ, ତୁଷାର ପଟ୍ଟନାୟକ, ବଳରାମ ନନ୍ଦ, କିଶୋର ମଙ୍ଗରାଜ, ସୁରେଶ ଚନ୍ଦ୍ର କର, ଗଜେନ୍ଦ୍ର ବେହେରା, ସନାତନ ଦଳବେହେରା, ଉମେଶ ସାମନ୍ତରାୟ, ଗିରିଧାରୀ ଲାଲ ଷଡ଼ଙ୍ଗୀ, ସୁବୋଧ କାନୁନ୍‌ଗୋ ଓ ଶୁଭେନ୍ଦୁ କାନୁନ୍‌ଗୋ ପ୍ରମୁଖ ଯୋଗ ଦେଇଥିଲେ।

ସ୍ୱୟଂ ଶାସନ କ୍ଷମତା ଦାବିରେ

କେଏମ୍ଏସ୍ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନ ଦାନା ବାନ୍ଧୁଛି

ଯୋଡା, ୧୦/୫ (ଶ୍ରୁ.ମି) : ଖଣିଜ ସମ୍ପଦ ଭରା କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ (କେ.ଏମ୍.ଏସ) ଜିଲ୍ଲାକୁ ରାଜ୍ୟ ସରକାର ବାରମ୍ବାର ଅବହେଳା କରିଆସୁଛନ୍ତି । ଭାରତ ବର୍ଷରେ ୬୪୦ଟି ଜିଲ୍ଲା ମଧରେ କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ ଅନ୍ୟତମ ଓ ପଞ୍ଚମ ସୂଚି ଭୁକ୍ତ ଅଟେ । ଏଠାରେ ଦେଶର ମୋଟର ଗଚ୍ଛିତ ଖଣିଜ ସମ୍ପଦର ୩୫ ପ୍ରତିଶତରୁ ଅଧିକ ରହିଛି । ଜଳ, ଜଙ୍ଗଲ, ଖଣିଜ ସମ୍ପଦ ପ୍ରଚୁର ପରିମାଣରେ ଗଚ୍ଛିତ ଥାଇ ଅଞ୍ଚଳର ବିକାଶ ହୋଇପାରିନାହିଁ । ପ୍ରତିଦିନ ହଜାର ହଜାର କୋଟି ଟଙ୍କା ମୂଲ୍ୟର ପୋତା ଧନ ବାହାରକୁ ରପ୍ତାନୀ ହେଉଛି, ହେଲେ ଏ ଅଞ୍ଚଳର ରାସ୍ତା ଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ । ଦାରିଦ୍ରତା ୬୭ ଭାଗ ରହିଛି, ଯାହାକି କେ.ବି.କେ. ଜିଲ୍ଲା ଠାରୁ ମଧ ଅଧିକ । ଏ ମାଟିର ମାଦ ଉପଯୁକ୍ତ ବାସଗୃହଟିଏ ନପାଇ ଗାଈ ଗୁହାଳରେ ପ୍ରସବ କରୁଛି । ଆଉ ଦରିଦ୍ର ଭୂମିହୀନ ଆଦିବାସୀଟିଏ ଗଛ ଡାଳରେ ବସା ବାନ୍ଧି ରହିବାକୁ ବାଧ ହେଉଛି । ଅଥଚଃ ତା ପାଦତଳେ ଅମୂଲ୍ୟ ରତ୍ନର କୁବେର ଭଣ୍ଡାର । କେଉଁ ଆଡେ ଯାଉଛି ଏତେ ଧନ ? କିଏ ଏଥିପାଇଁ ଦାୟି ? ଇଂରେଜ ଶାସନ କାଳର ଖଣି ଆଇନ ନା ଲୋକଙ୍କ ସରଳତା?ବୋଲି କେ.ଏମ୍.ଏସ୍. ବିକାଶ ପରିଷଦର ସଭାପତି ଅଭିମନ୍ୟୁ ମହାନ୍ତ ଗଣମାଧମରେ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି ଜଣାଇଛନ୍ତି, ଉତ୍ତମ ଶାସନ ନିମନ୍ତେ ୧୯୯୩ରେ ରାଜ୍ୟ ସରକାର ୧୦ଟି ଜିଲ୍ଲାକୁ ୨୭ଟି ଜିଲ୍ଲାରେ ପରିଣତ କଲେ । କିନ୍ତୁ କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡକୁ ଏଥିରୁ ବାଦ ଦିଆଗଲା । ପେସା ଆଇନକୁ ମଧ ଅସମ୍ପୂର୍ଣ୍ଣ ରଖାଯାଇ ପଞ୍ଚାୟତକୁ ପୂର୍ଣ୍ଣ କ୍ଷମତା ଦିଆଗଲା ନାହିଁ । ଗାଁ, ପଞ୍ଚାୟତ, ବ୍ଲକ, ଜିଲ୍ଲା ତଥା ରାଜ୍ୟ ବଢିବାରେ ଲାଗିଛି । ଏ ଦିଗରେ ଏହି ତିନୋଟି ଜିଲ୍ଲାକୁ ଚରମ ଅବହେଳା କରାଯାଇ ଆସିଛି । ବିସ୍ଥାପିତ ସମସ୍ୟା ହେଉ ଅବା ଟୋଲ ଗେଟ ଉଚ୍ଛେଦ ପ୍ରସଙ୍ଗ ହେଉ ସାମାନ୍ୟ ସମସ୍ୟାଟିଏ ପାଇଁ ସୁଦୂର ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି ବୋଲି ଶ୍ରୀ ଅଭିମନ୍ୟୁ କ୍ଷୋଭ ପ୍ରକାଶ କରିଛନ୍ତି । କେ.ଏମ୍.ଏସ. ର ବିକାଶ ନିମନ୍ତେ ଦୀର୍ଘ ମିଆଦି ସୂତ୍ରରେ ଯୋଜନା ପ୍ରସ୍ତୁତ କରିବା ଏବେ ଆବଶ୍ୟକ ହୋଇପଡିଛି । ଏହି ତିନୋଟି ଜିଲ୍ଲାକୁ ସ୍ୱୟଂ ଶାସନ କ୍ଷମତା ଦିଆନଗଲେ ଅଞ୍ଚଳର ବିକାଶ ଅସମ୍ଭବ । ୧୯୯୫ ମସିହାରେ ଝାଡଖଣ୍ଡ ଅଞ୍ଚଳକୁ ସ୍ୱୟଂ ଶାସନ କ୍ଷମତା ଦିଆଯାଇଥିବା ବେଳେ ୨୦୧୭ ମସିହାରେ ପଶ୍ଚିମବଙ୍ଗ ସରକାର ଦାରଜଲିଙ୍ଗ ଅଞ୍ଚଳ ଟେରିଟୋରିଆଲକୁ ପ୍ରଶାସନୀକ କ୍ଷମତା ଦିଆଯାଇଛି । ଏଥିପାଇଁ ସମ୍ବିଧାନର ଧାରା ୪୬, ୨୪୪, ୨୭୫, ୩୩୯, ୩୬୮ (୫) ଓ ପଞ୍ଚମସୂଚୀ ବାଖ୍ୟା ୨ ପ୍ରଣୀଧାନ ଯୋଗ୍ୟ ବୋଲି ସେ କହିଛନ୍ତି । ଖଣି ଜୋରିମାନା, ଡି.ଏମ୍.ଏଫ. ଫଣ୍ଡ, କାମ୍ପା ଫଣ୍ଡ ପ୍ରଭୃତିରେ ୧୬ ହଜାର କୋଟି ଟଙ୍କାରୁ ଉର୍ଦ୍ଧ ଟଙ୍କା ଗଚ୍ଛିତ ଥିବା ବେଳେ ଏହି ଅର୍ଥ ବିକାଶରେ ଖର୍ଚ୍ଚ ହୋଇପାରୁନାହିଁ, କାରଣ ଏହାର ରିମୋଟ ଭୁବନେଶ୍ୱରରୁ ନିୟନ୍ତ୍ରୀତ ହେଉଛି । ଏବେ ଏହି ଗଚ୍ଛିତ ଅର୍ଥ ବାଟମାରଣା ହେବାକୁ ଯୋଜନା ଚାଲିଛି । ଏନେଇ କେ.ଏମ୍.ଏସ. ବିକାଶ ପରିଷଦ ପକ୍ଷରୁ ତିନୋଟି ଜିଲ୍ଲାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ ନିମନ୍ତେ ଡିସେମ୍ବର ୨୮ ତାରିଖରେ ରାଜ୍ୟପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନଥିବାରୁ ଗଣତାନ୍ତ୍ରୀକ ଧାରାରେ ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା, ଧାରଣା ଆଦି ମାଧମରେ ଜନଜାଗରଣ ସୃଷ୍ଟି କରିବାକୁ ବିକାଷ ପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଇ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡିଛି । ଏହି ଆନ୍ଦୋଳନର ନେତୃତ୍ୱ ସଭାପତି ଅଭିମନ୍ୟୁ ମହାନ୍ତଙ୍କ ସହିତ ନରେଶ ଚନ୍ଦ୍ର ସିତାରୀ, ଅଗ୍ନି ଚରଣ ମହାନ୍ତ, ଧନେଶ୍ୱର ମହାନ୍ତ ଏବଂ କୀରଣବାଳା ସାହୁ ନେଉଥିବା ବିଶେଷ ସୂତ୍ରରୁ ଜଣାପଡିଛି ।



କୋଲ କରିଡର ରାସ୍ତା ନିର୍ମାଣକୁ କଳମ ଛୁଇଁ ଗ୍ରାମବାସୀଙ୍କ ବିରୋଧ

ତାଳଚେର,୧୦/୫(ଶ୍ରୁ.ମି) : କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଠିକ୍ ସମୟରେ ନିଯୁକ୍ତି,ଥଇଥାନ କରାନଯାଇ ଆଜି ଏମ୍.ସି.ଏଲ୍ ପକ୍ଷରୁ କୋଲ କରିଡର ରାସ୍ତା ନିର୍ମାଣ କରାଯିବା ଉଦ୍ୟମକୁ ତାଳଚେର ବ୍ଲକ କଳମଛୁଇଁ ଗ୍ରାମର କ୍ଷତିଗ୍ରସ୍ତ ଜମିହରା ପ୍ରଜାମାନେ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ଆଜି ସକାଳୁ ଏମ୍.ସି.ଏଲ ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ହିଙ୍ଗୁଳା କୋଇଲାଖଣିରୁ ବଳରାମ ଖଣି ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ଏହି କୋଲ କରିଡରର ରାସ୍ତା ନିର୍ମାଣ କାର୍ଯ୍ୟ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତିରେ ଆରମ୍ଭ କରିଥିଲେ । ଏହି ଖବର ପାଇ କଳମଛୁଇଁ ଗ୍ରାମର ଶତାଧିକ ଜମିହରା ପ୍ରଜା ଘଟଣାସ୍ଥଳରେ ପହଞ୍ଚି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଜମିହରା ବିସ୍ଥାପିତ ପ୍ରଜାମାନଙ୍କୁ ୨୦୦୬ ପଲିସି ଅନୁଯାୟୀ ନିଯୁକ୍ତି, ଥଇଥାନ ତଥା କ୍ଷତିପୂରଣ ମିଳିବାପରେ ରାସ୍ତା କାମ ଆରମ୍ଭ କରିବାକୁ ଆନ୍ଦୋଳନକାରୀମାନେ ଜିଦ୍ ଧରି ବସିଥିଲେ । ଖଣି କର୍ତ୍ତୃପକ୍ଷ କୌଣସି ସୂଚନା ନଦେଇ ରାସ୍ତା ନିର୍ମାଣ କରୁଥିବାରୁ ଗ୍ରାମବାସୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଅପରପକ୍ଷରେ ପୋଲିସ ଆନ୍ଦୋଳନକାରୀମାନଙ୍କୁ ଘଟଣାସ୍ଥଳରୁ ଉଠାଇବାକୁ ଉଦ୍ୟମ କରୁଥିବା ବେଳେ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ ପଚାଶରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆନ୍ଦୋଳନକାରୀଙ୍କୁ ସ୍ଥାନୀୟ ଏକ କ୍ଲବରେ ଅଟକ ରଖିଥିଲା । ଏହାପରେ ଖଣି କର୍ତ୍ତୃପକ୍ଷ ପୁଣି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସ୍ଥାନୀୟ ବିଧାୟକ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ସୂଚନାଯୋଗ୍ୟ,ଜମିହରା ପ୍ରଜାମାନଙ୍କୁ ପୁର୍ନବାସ ଓ ଥଇଥାନ ନିମନ୍ତେ ଓଡିଶା ସରକାର ତା୧୫/୦୫/୨୦୧୬ରିଖରେ ଆର୍.ଆଣ୍ଡ.ଆର୍ ପଲିସି-୨୦୦୬ ପ୍ରଣୟନ କରିଛନ୍ତି । ଉକ୍ତ ପଲିସୀ ଅନୁଯାୟୀ ଯେଉଁ ଗ୍ରାମଗୁଡିକ ତା୧୫/୦୫/୨୦୦୬ରିଖ ପରେ ବିସ୍ଥାପିତ ହୋଇଥିବା ସହ ବାସଗୃହ ହସ୍ତାନ୍ତର ହୋଇଥିବ ସେଠି ସରକାରଙ୍କ ୨୦୦୬ ପଲିସି ଲାଗୁ କରାଯାଇ ପୁର୍ନବାସ ଓ ଥଇଥାନ ସମ୍ପନ୍ନ କରାଯିବ । ଏହାସହିତ ଗୃହ ବିସ୍ଥାପନ ସମୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପୁଅ,ଝିଅ, ନାତି,ଅବିବାହିତ ଝିଅ,ଭଉଣୀ,ନାତୁଣୀମାନଙ୍କୁ ସ୍ୱତନ୍ତ୍ର ପରିବାର ଭାବରେ ପରିଗଣିତ କରି ନିଯୁକ୍ତି ପ୍ରଦାନ କରାଯିବ ବୋଲି ସ୍ପଷ୍ଟ ଉଲ୍ଲେଖ ଅଛି । ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ଉପଜିଲ୍ଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ପୋଲିସ ଓ ଖଣି ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଏକ ସମାଧାନୀ ବୈଠକ ହିଙ୍ଗୁଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ କୋଲ କରିଡର ରାସ୍ତା କାର୍ଯ୍ୟ ନିର୍ମାଣ ହେବା ସହ କଳମଛୁଇଁ ଗ୍ରାମବାସୀମାନଙ୍କର ସମସ୍ତ ସମସ୍ୟାର ଉପଯୁକ୍ତ ସମାଧାନ ନ ହେବା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ କୋଇଲା ପରିବହନ ସହ କୌଣସି ଯାନବାହାନ ଗମନାଗମନ କରିବେ ନାହିଁ ବୋଲି ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।